## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଖଲାସୀଙ୍କ ମୃତ୍ୟୁ

**ଶେରଗଡ, ୩୦।୪(ଡି.ଏନ୍.ଏ.):** ଶେରଗଡ ହାଟ ବନ୍ଧରେ ଶନିବାର ରାତିରେ ପାଣିରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶେରଗଡ ତୋଟା ସାହିର ରମେଶ ବେହେରା। ରମେଶ ଜଣେ ଖଲାସୀ। ସେ ଦିନ ତମାମ କାମ କରି ସନ୍ଧ୍ୟାରେ ପୋଖରୀକୁ ଗାଧେଇବାକୁ ଆସିଥିଲେ। ପାହାଚରେ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ପୋଖରୀରୁ ମୃତ ଅବସ୍ଥାରେ ପାଇଥିଲେ। ଗାଇ ପଦିଆ ବେହେରା ପୋଲିସକୁ ଖବର ଦେବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛନ୍ତି।

### ଯୌତୁକଜନିତ ହତ୍ୟା ଅଭିଯୋଗ

**ଆସିକା, ୩୦।୪ (ଡି.ଏନ୍.ଏ):** ଆସିକା ଥାନା ଅନ୍ତର୍ଗତ ଖଡଭାଗ ଗ୍ରାମରେ ରବିବାର ସକାଳେ ଜଣେ ବିବାହିତା ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ନିଲୁ ବିଷୋୟୀଙ୍କ ସ୍ତ୍ରୀ ଗୀତାଞ୍ଜଳି। ବିଷକ୍ରିୟା ଜନିତ ଗୁରୁତର ପରିସ୍ଥିତିରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଏହାକୁ ଏକ ଯୌତୁକଜନିତ ହତ୍ୟା ବୋଲି ଗୀତାଞ୍ଜଳିଙ୍କ ବାପା ବାଉରି ବନ୍ଧୁ ପୋଲାଇ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ଧରି ଗୀତାଞ୍ଜଳିଙ୍କୁ ତା'ର ଶ୍ୱଶୁର ଘର ଲୋକେ ମାରପିଟ କରୁଥିଲେ। ରବିବାର ସକାଳେ ଆମେ ଝିଅ ଘରେ ପହଞ୍ଚିବା ବେଳକୁ ମୁମୂର୍ଷୁ ଅବସ୍ଥାରେ ଝିଅକୁ ଦେଖି ଡାକ୍ତରଖାନା ଆଣିଥିବା ଗୀତାଞ୍ଜଳିଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି । ତାର ସ୍ୱାମୀ, ଶାଶୁ, ଶ୍ୱଶୁର ଯୌତୁକ ଲାଗି ମାରପିଟ କରିବା ସହ ବିଷ ପିଆଇ ମାରି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଆସିକା ପୋଲିସ ମୃତଦେହ ଜବତ କରିବା ସହ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଛୁଟିରେ ରହିବେନି ନିୟୋଜିତ କର୍ମଚାରୀ

## ଆଜିଠାରୁ ପଛୁଆ ବର୍ଗର ସାମାଜିକ, ଶିକ୍ଷାଗତ ସ୍ଥିତି ସର୍ଭେ

**ଛତ୍ରପୁର, ୩୦।୪(ଡି.ଏନ୍.ଏ.)**



ବୈଠକରେ ଜିଲାପାଳ, ଏସ୍‌ପି ଓ ଅଧିକାରୀମାନେ।

ଗଞ୍ଜାମ ଜିଲାରେ ସୋମବାରଠାରୁ ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ ଆରମ୍ଭ ହେବ । ସର୍ଭେ କାର୍ଯ୍ୟ ଯେପରି ସଠିକ ହେବ ସେଥି ନିମନ୍ତେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ହଲ ଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ପଛୁଆ ବର୍ଗ ଲୋକମାନଙ୍କ ବୃତ୍ତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସଠିକ ତଥ୍ୟ ସଂଗ୍ରହ କରିବା ସକାଶେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସଂଗ୍ରହ କରିବାକୁ ଥିବା ତଥ୍ୟ ଯେପରି ସଠିକ ହେବ ସେଥିସକାଶେ ନିୟୋଜିତ ଅଧିକାରୀ ଓ କର୍ମଚାରୀଗଣ ଅଧିକ ତତ୍ପରତା ସହିତ କାମ କରିବାକୁ କୁହାଯାଇଛି । ସର୍ଭେ କାର୍ଯ୍ୟ ସମୟ ମଧ୍ୟରେ ନିୟୋଜିତ ଥିବା ଅଧିକାରୀ କିମ୍ବା କର୍ମଚାରୀ ଛୁଟିରେ ରହିପାରିବେ ନାହିଁ। ମଇ ୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଖୋଲାଯାଇଥିବା ସେଣ୍ଟର ଗୁଡିକ ପ୍ରତ୍ୟହ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୩ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲାରହିବ। ୨୧ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ନିୟୋଜିତ କର୍ମଚାରୀଗଣ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ। ସମସ୍ତ ସରକାରୀ ଛୁଟି ଦିନ ଏବଂ ରବିବାର ମଧ୍ୟ ସର୍ଭେକାର୍ଯ୍ୟ ଚାଲୁରହିବ। ସର୍ଭେ କାର୍ଯ୍ୟ ସମୟ ମଧ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ ଦ୍ୱାରା ପାଟ୍ରୋଲିଂ କରାଯିବ। ସର୍ଭେ କାର୍ଯ୍ୟର ସୁସମ୍ପାଦନ ସକାଶେ ଆୟୋଜିତ ଆଭାସୀ ବୈଠକରେ ବ୍ରହ୍ମପୁର ଏସପି ଶ୍ରବଣ କୁମାର, ଗଞ୍ଜାମ ଏସପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତଥା ନୋଡାଲ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ଡେପୁଟି କଲେକ୍ଟର ତଥା ସର୍ଭେ କାର୍ଯ୍ୟର ସୁପରିଚାଳକ ସୁକାନ୍ତ ମିଶ୍ର ଉପସ୍ଥିତ ଥିଲାବେଳେ ଆଭାସୀ ମାଧ୍ୟମରେ ଜିଲାର ସମସ୍ତ ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରମୁଖ ଜଡିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କ୍ଷେତ ମଜଦୁର ୟୁନିୟନର ଆନ୍ଦୋଳନ ଚେତାବନୀ



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

**ପାରଳାଖେମୁଣ୍ଡି, ୩୦।୪ (ଡି.ଏନ୍.ଏ)**

ଭାରତୀୟ ଖେତ ମଜଦୁର ୟୁନିୟନର ୧୦ମ ରାଜ୍ୟ ସମ୍ମିଳନୀ ପାରଳାଖେମୁଣ୍ଡି ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଜିଲାରୁ ଆସିଥିବା ପ୍ରତିନିଧିମାନେ ଖେତ ମଜଦୁର ବର୍ଗ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଆଗାମୀ ମେ ୧୫ ଠାରୁ ୩୧ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପଦଯାତ୍ରା, ଜୁନ ମାସରେ ବ୍ଲକସ୍ତରୀୟ, ଜୁଲାଇରେ ଜିଲ୍ଲାସ୍ତରୀୟ ସମାବେଶ, ଜୁଲାଇ ଓ ଅଗଷ୍ଟ ମଧ୍ୟରେ ରାଜ୍ୟସ୍ତରୀୟ ଗଣ ଆନ୍ଦୋଳନ ପାଇଁ ସଂକଳ୍ପ ପାଳିତ ହୋଇଅଛି। ବିଭିନ୍ନ ଦାବି ନେଇ ମେ' ୧୫ରୁ ୩୧ ପର୍ଯ୍ୟନ୍ତ ପଲ୍ଲୀରୁ ରାଜ୍ୟ ରାଜଧାନୀ ରାଜ୍ୟବ୍ୟାପୀ ପଦଯାତ୍ରା ହେବ। ମେ' ୩୦ରେ ରାଜଧାନୀ ଦିଲ୍ଲୀ ଅଭିଯାନ, ଅଗଷ୍ଟ ୯ରେ ରାଜଧାନୀ ଭୁବନେଶର ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀ ଆଗାମୀ ୩ର୍ଷ ପାଇଁ ୪୧ଜଣିଆ ରାଜ୍ୟ ପରିଷଦ ନିର୍ବାଚିତ କରିଥିବା ବେଳେ ରାଜ୍ୟ ସଭାପତି ଭାବେ ଜନ୍ନା ସୁବାସ ରାଓ, ଉପ ସଭାପତି ଭାବେ ରଘୁନାଥ ଗୌଡ଼ ଓ ପି ପଦ୍ମା ରାଜ୍ୟ ସମ୍ପାଦକ ଭାବେ ସୁର ଜେନା, ସହ ସମ୍ପାଦକ ଭାବେ ଗୁରୁନାଥ ପ୍ରଧାନ, ତ୍ରୈଲୋକ୍ୟ ନାଥ ଓ ଶଙ୍କର ନିର୍ବାଚିତ ହୋଇଛନ୍ତି।

# ମା' ଖମ୍ଭେଶ୍ୱରୀଙ୍କ ବୈଶାଖୀ ଯାତ୍ରା

**ଆସିକା, ୩୦।୪ (ଡି.ଏନ୍.ଏ.)**



ଆସିକା ସହରର ଆରାଧ୍ୟ ଦେବୀ ମା' ଖମ୍ଭେଶ୍ୱରୀଙ୍କ ବୈଶାଖୀ ଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ଶନିବାର ରାତିରେ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବାଦ୍ୟ, ବାଜଣା, ପଟୁଆରରେ ମନ୍ଦିରରୁ ଅଣାଯାଇ ଖମ୍ଭେଶ୍ୱରୀ ପାଟଣା ଏନଏସି ଅଫିସ ସଂଲଗ୍ନ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇଥିଲା । ଦିନ ତମାମ ଶ୍ରଦ୍ଧାଳୁମାନେ ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ଖମ୍ଭେଶ୍ୱରୀ ପାଟଣା ଓ କୁମ୍ଭାର ସାହିର ବିଭିନ୍ନ ସ୍ଥାନରେ ନୃତ୍ୟ ନାଟିକା ପରିବେଶିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ ଓ ଯାତ୍ରା କମିଟି ସଭାପତି ନିମାଇଁ ଚରଣ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳିତ ହୋଇଥିଲା ।

# ନଟରାଜ ନୃତ୍ୟ ସଂଗୀତ ଉତ୍ସବ

**ଫୁଲବାଣୀ ଅଫିସ, ୩୦।୪**




କାର୍ଯ୍ୟକ୍ରମରେ ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଫୁଲବାଣୀ ଗାନ୍ଧି ସ୍ମୃତି ଭବନରେ ନଟରାଜ କଳା ମନ୍ଦିର ପକ୍ଷରୁ ନଟରାଜ ନୃତ୍ୟ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର, ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟ ଦୀପ୍ତି ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ବରିଷ୍ଠ ଆଇନ୍‌ଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଗୁରୁ ବିକ୍ରମ ସାମଲ, ସନାତନ ନାୟକ ପ୍ରମୁଖ ଯୋଗଦେଇ ବିଶ୍ୱ ନୃତ୍ୟ ଦିବସ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଓଡିଶୀ ନୃତ୍ୟାଙ୍ଗନା ଡଃ ସୁଜାତା ମହାପାତ୍ର, ଓଡିଶୀ କଣ୍ଠ ସଙ୍ଗୀତ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ନଟରାଜ କଳା ମନ୍ଦିର ପକ୍ଷରୁ ସମ୍ମାନିତ କରା ଯାଇଥିଲା। ସଙ୍ଗୀତ ସାଧନା, ସମାଜ ସେବା, ସାହିତ୍ୟ, ନାଟକ ଲାଗି ମଧ୍ୟ ପୁରସ୍କାର ଦିଆ ଯାଇଥିଲା । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକକ ମର୍ଦ୍ଦଳ ବାଦନ, ଓଡିଶୀ, ଭଜନ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ଚିତ୍ର ପ୍ରଦର୍ଶିତ ହୋଇଥିଲା। ଅଶୋକ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅନୁଷ୍ଠାନ ନିର୍ଦ୍ଦେଶକ ବିନୋଦ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

DSPL-25





ଅସ୍ଥାୟୀ ମଣ୍ଡପରେ ମା' ବୁଢ଼ୀ ଠାକୁରାଣୀ ପୂଜା ପାଉଛନ୍ତି।







ଯାତ୍ରାରେ ବିଭିନ୍ନ ବେଶଧାରୀ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ କମଲ



@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

**ପାରଳାଖେମୁଣ୍ଡି**

- ଅନ୍ତର୍ଜାତୀୟ ଶ୍ରମିକ ଦିବସ। ସ୍ଥାନ-ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ। ସମୟ:ପୂର୍ବାହ୍ନ ୧୦ ଘଣ୍ଟା।

# ୨ ଦିନ ପରେ ଯାତ୍ରା, ସମୀକ୍ଷା କଲେ ବାଚସ୍ପତି

**ଭଞ୍ଜନଗର, ୩୦।୪(ଡି.ଏନ୍.ଏ.)**

ଭଞ୍ଜନଗର ଠାକୁରାଣୀ ଯାତ୍ରା ୩ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ରବିବାର ସନ୍ଧ୍ୟାରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଯାତ୍ରା ପଡିଆରେ ପହଞ୍ଚି ପ୍ରସ୍ତୁତି ସମୀକ୍ଷା କରିଥିଲେ। ଯାତ୍ରା କିଭଳି ଜାକଜମକରେ ହୋଇପାରିବ ସେଥିପାଇଁ ସବୁପ୍ରକାର ସହଯୋଗ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବାଚସ୍ପତି କହିଛନ୍ତି। ପରେ ଟାଉନ ହଲରେ ଯାତ୍ରା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ, ସେଥିପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ନେଇ କର୍ମକର୍ତ୍ତାମାନେ କହିଥିଲେ। ଖବରଦାତା ସମ୍ମିଳନୀରେ ସଭାପତି ରାଜେନ୍ଦ୍ର ବିଶୋଇ, ଉପସଭାପତି ବିନୟ କୁମାର ରଥ, ଡି. ଚେଲପତି ରାଓ, ସମ୍ପାଦକ ସୁଶାନ୍ତ ମହାପାତ୍ର, ସୁଧୀର ବେହେରା, ଗୋପବନ୍ଧୁ ମହାପାତ୍ର, ପଞ୍ଚାନନ ପାଳ, ଶୂଳପାଣି ସତପଥୀ, ଟୁକୁନା ପଟ୍ଟନାୟକ, ମୁରଲୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

୩ ତାରିଖ ପୂର୍ବାହ୍ନରେ କୁଲାଡ଼ରୁ ମା' ବାଗଦେବୀଙ୍କୁ ପ୍ରଥମେ ନିମନ୍ତ୍ରଣ କରି ଅଣାଯିବ। ରାତିରେ ଦେବୀ ଅସ୍ଥାୟୀ ମଣ୍ଡପରେ ପହଞ୍ଚିବେ। ଏହାପରେ ରାତି ୨ ଟାରେ ମା' ଠାକୁରାଣୀଙ୍କୁ ନିମନ୍ତ୍ରଣ କରିଅଣାଯିବ। ସେହିପରି ଟ୍ରାଫିକ ବ୍ୟବସ୍ଥା ସଜାଡ଼ିବାକୁ ଯାତ୍ରା କମିଟି କର୍ମକର୍ତ୍ତା ପକ୍ଷରୁ ପୋଲିସକୁ ଅନୁରୋଧ କରାଯାଇଛି।



ବାଚସ୍ପତି ବିକ୍ରମ କେଶରୀ ଆରୁଖ ସମୀକ୍ଷା ପରେ ଫେରି ଯାଉଛନ୍ତି।

## ଦୁର୍ଘଟଣାରେ ଆହତଙ୍କ ଏମ୍‌କେସିଜିରେ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩୦।୪:** ଏକ ସଡକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ନବରଙ୍ଗପୁର ତେନ୍ତୁଲିଖୁଣ୍ଟିଆ ଥାନା ଅନ୍ତର୍ଗତ ବଗନାଗୁଡା ଗ୍ରାମର ଦୁର୍ଯ୍ୟୋଧନ ମାଝି(୩୨)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୨୨୮/୨୩ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କହିଛି। ପ୍ରକାଶ ଯେ, ଗତ ୧୪ତାରିଖ ସକାଳେ ଦୁର୍ଯ୍ୟୋଧନ କୌଣସି କାମରେ ତାଙ୍କର ପୁଅ ପଢୁଥିବା ସ୍କୁଲକୁ ଯାଇଥିଲେ। ସେଠାରେ କାମ ସାରି ସେ ବାଇକ୍ (ନଂ ଓଡ଼ି ୧୦ ବି- ୮୧୪୪)ରେ ଘରକୁ ଫେରୁଥିଲା ବେଳେ ରାସ୍ତାରେ ଚିକିଲି ଛକରେ ସମ୍ମୁଖପଟୁ ଏକ ଟ୍ରକ୍ (ନଂ. ସିଜି - ୦୪ଜି - ୪୪୩୧) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ ପେଟରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ପ୍ରଥମେ ତାଙ୍କୁ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ଗତ ୨୧ ତାରିଖରେ ଏମ୍‌କେସିଜି ମେଡିକାଲକୁ ଆସିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି।

## ମଧୁମେହ, ଚକ୍ଷୁ ପରୀକ୍ଷା

**କବିସୂର୍ଯ୍ୟନଗର,୩୦।୪(ଡି.ଏନ.ଏ):** କବିସୂର୍ଯ୍ୟନଗର ପତଞ୍ଜଳି କେନ୍ଦ୍ର ପକ୍ଷରୁ ଗଣେଶ ମନ୍ଦିର ପରିସରରେ ମଧୁମେହ ଓ ଚକ୍ଷୁ ପରୀକ୍ଷା ଅନୁଷ୍ଠିତ ହୋଇଛି। ପତଞ୍ଜଳି କେନ୍ଦ୍ର ପ୍ରତିଷ୍ଠାତା କେ. ପୁରୁଷୋତ୍ତମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବହୁ ରୋଗୀ ମଧୁମେହ ଓ ଚକ୍ଷୁ ପରୀକ୍ଷା କରିଥିଲେ। ପରଳ ଚିକିତ୍ସା ଲାଗି ବସ୍ ଯୋଗେ ୨୦ରୁ ଅଧିକ ରୋଗୀଙ୍କୁ ଶଙ୍କର ଚକ୍ଷୁ ଚିକିତ୍ସାଳକୁ ପଠାଯାଇଥିଲା ।

## ଘରେ ପଶି ମା, ଝିଅଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୩୦।୪:** ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ଝିଅଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଫାଷ୍ଟଗେଟ ଝିଲିମିଲି ନଗରର ପିଣ୍ଟୁ ଦାସ(୨୮)। ପୋଲିସ ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଛୁରି ଜବତ କରିଛି। ମାମଲା ନମ୍ବର ୧୩୩/୨୩ରେ ପିଣ୍ଟୁଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ,ଗତ ୨୮ ତାରିଖ ବିଳମ୍ବିତ ରାତିରେ ପିଣ୍ଟୁ ଜଣେ ମହିଳାଙ୍କ ଘର ଭିତରେ ପଶିଥିଲେ। ଶୋଇଥିବା ଜଣେ ଯୁବତୀଙ୍କୁ ପିଣ୍ଟୁ ସେଠାରେ ଅସଦାଚରଣ କରିବାରୁ ଯୁବତୀ ଜଣକ ଏହାର ପ୍ରତିବାଦ କରିଥିଲେ। ପିଣ୍ଟୁ ସମ୍ପୃକ୍ତ ଯୁବତୀଙ୍କୁ ସେଠାରେ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ତାଙ୍କ ଚିତ୍କାର ଶୁଣି ଘର ଭିତରେ ଥିବା ତାଙ୍କ ମା' ଉଠିଥିଲେ। ପିଣ୍ଟୁ ଧରିଥିବା ଏକ ଛୁରି ବାହାର କରି ମହିଳାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ।

ମା'ଝିଅଙ୍କ ପାଟି ଶୁଣି ପଡୋଶୀ ସେଠାରେ ରୁଣ୍ଡ ହୋଇଯାଇଥିଲେ। ଲୋକଙ୍କୁ ଦେଖି ପିଣ୍ଟୁ ଖସି ପଳାଇଥିଲେ। ପରେ ମହିଳା ଜଣଙ୍କ ଘଟଣା ସମ୍ପର୍କରେ ଶନିବାର ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ରବିବାର ପିଣ୍ଟୁ ଦାସଙ୍କୁ ଗିରଫ କରିଥିଲା ବୋଲି କହିଛି।

## ନିଷ୍ଟ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ବ୍ରହ୍ମପୁର ଅଫିସ୍,୩୦।୪**

ନିଷ୍ଟ(ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି) ପକ୍ଷରୁ ରବିବାର ଶିକ୍ଷାନୁଷ୍ଠାନ ପରିସରରେ ୨୦୧୯-୨୩ ଶିକ୍ଷା ବର୍ଷର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଷ୍ଟ ପ୍ରତିଷ୍ଠାତା ଡ. ସୁକାନ୍ତ କିଶୋର ମହାପାତ୍ର ଭିଡିଓ କନ୍‌ଫରେନ୍ସରେ ଏହାକୁ ଉଦ୍‌ଘାଟନ କରିଥିଲେ। ନିଷ୍ଟ ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ସଫଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ନିଷ୍ଟ ପ୍ରଶାସନ ମୁଖ୍ୟ ସୟିଦ ସୁଲେମାନ ଅଲୀ ଜୀବନରେ ସବୁବେଳେ କିଭଳି ଖୁସିରେ ରହିବେ ସେ ନେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶେଷ ବର୍ଷ ସଂଯୋଜକ ଆଶିଷ କୁମାର ଦାଶ, ଡ. ଏମ୍. ସୁରେଶ, ଡ. ସୁଧୀର ରଞ୍ଜନ ପଟ୍ଟନାୟକ, ଡ. ଭାସ୍କର ଭୋଳ, ଡ. ସୀମାଞ୍ଚଳ ପାଣିଗ୍ରାହୀ, ଡ. ଦୁର୍ଯ୍ୟୋଧନ ସାହୁ, ଡ. ସୋରେନ ମିଶ୍ର, ଡ. ସୁଶାନ୍ତ ସାହୁ, ଡ. ପ୍ରୀତି ରଞ୍ଜନ ସାହୁ, ଡ.ବିଷ୍ଣୁଙ୍କର ନାୟକ, ଡ. ସୁବ୍ରତ କୁମାର ଭୂୟାଁ, ଡ. ବରଦା ସେଠୀ, ଡ. ପ୍ରଦ୍ୟୁମ୍ନ ପାତ୍ର, ଡ. ସସ୍ମିତା ପାଢ଼ୀ, ପୂର୍ଣ୍ଣେନ୍ଦୁ ମିଶ୍ର, ସ୍ୱାଧୀନ ମିଶ୍ର, ଡ. ଶିବାନୀ ଗୁରୁ ଓ ମିନାକ୍ଷୀ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ।

## ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ

### ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ

**ବ୍ରହ୍ମପୁର ଅଫିସ,୩୦।୪**

ବ୍ରହ୍ମପୁର ବଡ ମେଡିକାଲରେ ଶନିବାର ବିଳମ୍ବିତ ରାତିରେ ଜଣେ ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ ହୋଇଛି। ଏହି ଘଟଣାକୁ ନେଇ ଡାକ୍ତରୀ ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଛାତ୍ରମାନେ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସୂଚନା ଅନୁସାରେ, ଏମ୍‌କେସିଜି ଡାକ୍ତରୀ ଛାତ୍ର ଆଶିଷ ପ୍ରଧାନ ଶନିବାର ରାତି ପ୍ରାୟ ସାଢ଼େ ୧ଟାରେ ସେ ରହୁଥିବା ହଷ୍ଟେଲକୁ ଯାଉଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୩ଜଣ ଯୁବକ ତାଙ୍କ ନିକଟକୁ ଯାଇ କମେଣ୍ଟ କରିଥିଲେ। ଆଶିଷ ଏହାର ପ୍ରତିବାଦ କରିବାରୁ ସେହି ଯୁବକମାନେ ତାଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାର ଖବର ପାଇ ସେଠାରେ ଶତାଧିକ ଡାକ୍ତରୀ ଛାତ୍ର ରୁଣ୍ଡ ହୋଇ ଅଭିଯୁକ୍ତଙ୍କୁ ଘେରି ଯାଇଥିଲେ। ଦୁଇଜଣ ସେଠାରୁ ଚମ୍ପଟ ମାରିଥିବା ବେଳେ ଛାତ୍ରମାନେ ଜଣକୁ କାବୁ କରି ନେଇଥିଲେ। ଛାତ୍ରମାନେ ତାଙ୍କୁ ମେଡିକାଲ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ମେଡିକାଲ କ୍ୟାମ୍ପସରେ ବିଭିନ୍ନ ସମୟରେ ଗଣ୍ଡଗୋଳ ପରିସ୍ଥିତି ଦେଖା ଦେଉଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଛାତ୍ରମାନେ ଦାବି କରିଛନ୍ତି।

## ଭାଜପା ପକ୍ଷରୁ ମନ୍ କି ବାତ୍ କାର୍ଯ୍ୟକ୍ରମ

**ଦିଗପହଣ୍ଡି,୩୦।୪(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ ତମ ମନ କି ବାତ୍ କାର୍ଯ୍ୟକ୍ରମ ପୂର୍ତ୍ତି ଅବସରରେ ରବିବାର ଭାଜପା ପକ୍ଷରୁ ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ନୂଆଗଡ ଗ୍ରାମରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଇଂ.ଉତ୍ତମ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ବହୁ ସଂଖ୍ୟକ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ଏନ୍. ରାଜେନ୍ଦ୍ର ପାତ୍ର, ଡା. ଅମୂଲ୍ୟ ଚୌଧୁରୀ, ଶୁଭ୍ରାଂଶୁ ପ୍ରଧାନ, ସୁରେଶ କବି, ଜନାର୍ଦ୍ଦନ ପ୍ରଧାନ, ମନୋଜ କୁମାର ପଣ୍ଡା, ରଘୁନାଥ ସାମନ୍ତରାୟ, କାହ୍ନା ରେଡ୍ଡୀ, ଅନିଲ ମିଶ୍ର, ରବି ମିଶ୍ର, ଯତୀନ ପାଣିଗ୍ରାହୀ, ଦୁଃଖୀଶ୍ୟାମ ପାଣିଗ୍ରାହୀ, ମଦନ ପାଣିଗ୍ରାହୀ, ହରି ପ୍ରଧାନ ଓ ଅଭିମନ୍ୟୁ ସେଠୀଙ୍କ ସମେତ ଆଖପାଖ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ମୃତକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ହଡ଼ପ

**ହିଞ୍ଜିଳିକାଟୁ, ୩୦।୪(ଡି.ଏନ.ଏ.)**

ହିଞ୍ଜିଳି ଥାନା ଶିକିରିସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଜଣେ ମୃତବ୍ୟକ୍ତିଙ୍କ ସଞ୍ଚୟ ଖାତାରୁ ବିଭିନ୍ନ ସମୟରେ ପ୍ରାୟ ୧ଲକ୍ଷ ୮୦ହଜାର ଟଙ୍କା ଏଟିଏମ ମାଧ୍ୟମରେ ହଡ଼ପ ହୋଇଥିବା ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶିକିରି ଗ୍ରାମର ଯୋଗେନ୍ଦ୍ର ଭଉଲଙ୍କ ମା' ସୁରେଖା ଭଉଲଙ୍କ ନାମରେ ଏକ ସଞ୍ଚୟ ଖାତା ଶିକିରି ଏସ୍‌ବିଆଇ ଶାଖାରେ ଥିଲା। ସୁରେଖାଙ୍କ ୨୦୧୭ ନଭେମ୍ବର ୧ରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ମଧ୍ୟ ବିଭିନ୍ନ ସମୟରେ ଏଟିଏମ୍‌ରୁ ପ୍ରାୟ ୧ଲକ୍ଷ ୮୦ହଜାର ଟଙ୍କା ହଡପ ହୋଇଥିବା ଯୋଗେନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏ ନେଇ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ହିଞ୍ଜିଳି ପୋଲିସ ନଂ ୨୭୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମୋହନାରେ ରେଡିଓ ଷ୍ଟେଶନ ଉଦ୍‌ଘାଟିତ

**ଆର.ଉଦୟଗିରି, ୩୦।୪ (ଡି.ଏନ.ଏ.)**

ଗଜପତି ଜିଲା ମୋହନାଠାରେ ରେଡ଼ିଓ ଷ୍ଟେଶନକୁ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ଗଜପତି ଜିଲା ପ୍ରକଳ୍ପ ପ୍ରଶାସକ ଫାଲଗୁନି ମାଝି ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଅଗ୍ନିଶମ ବିଭାଗ ଅଧିକାରୀ, ବ୍ୟାଙ୍କ କର୍ତ୍ତୃପକ୍ଷ, ସ୍ଥାନୀୟ କଲେଜ କର୍ମଚାରୀ, ବିଦ୍ୟୁତ ବିଭାଗ ଯନ୍ତ୍ରୀ, ବିଧାୟକ ପ୍ରତିନିଧିଙ୍କ ସମେତ ଭାଜପା ବ୍ଲକ ସଭାପତି ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ବେତାର କେନ୍ଦ୍ରର ଅମର ପ୍ରସାଦ ସାହୁ, ସନ୍ତୋଷ ପିଙ୍ଗଙ୍କ ସମେତ ଏଠାକୁ ଆସିଥିବା ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଆଡମ୍ବର ସହ ବେତାର କେନ୍ଦ୍ର ଲୋକାର୍ପିତ ହୋଇଛି।

## ହିନ୍ଦୁ ସମାଜ ଉପରେ ଆକ୍ରମଣ ବଢ଼ିଚାଲିଛି : ତୋଗାଡ଼ିଆ



ହିନ୍ଦୁ ସମ୍ମିଳନୀକୁ ଡା. ପ୍ରବୀଣ ଭାଇ ତୋଗାଡିଆ ଉଦ୍‌ଘାଟନ କରୁଛନ୍ତି।

**ବାଲିଗୁଡା/ଗଞ୍ଜାମ, ୩୦।୪(ଡି.ଏନ.ଏ.)**

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ତରଫରୁ ଗୋ ମହାଯଜ୍ଞ ଓ ବିଶାଳ ହିନ୍ଦୁ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସଂସ୍ଥାପକ ଡା.ପ୍ରବୀଣ ଭାଇ ତୋଗାଡିଆ ଯୋଗଦେଇଥିଲେ। ହିନ୍ଦୁଙ୍କ ଉପରେ ଦେଶବ୍ୟାପୀ ଚାଲିଥିବା ଧର୍ମାନ୍ତୀକରଣକୁ ନିନ୍ଦା କରିଥିଲେ। ଭାରତରେ ହିନ୍ଦୁମାନେ ସୁରକ୍ଷିତ ନୁହନ୍ତି। ବିଭିନ୍ନ ସମୟରେ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି। ତେଣୁ ସମସ୍ତ ହିନ୍ଦୁ ଏକଜୁଟ ହୋଇ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରନ୍ତୁ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ୧୫ ବର୍ଷ ପରେ ମଧ୍ୟ ହତ୍ୟାକାରୀଙ୍କୁ ଦଣ୍ଡ ମିଳି ପାରିନାହିଁ ବୋଲି ତୋଗାଡ଼ିଆ କହିଥିଲେ।

### ଗଞ୍ଜାମରେ ଜଗନ୍ନାଥଙ୍କୁ ଦର୍ଶନ କଲେ

ଭୁବନେଶ୍ୱର ଫେରୁଥିବା ବେଳେ ଗଞ୍ଜାମ ସହରଠାରେ ତାଙ୍କୁ କାମଧେନୁ ସେବା ସମିତି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୁରୁଣା ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିଥିଲେ । ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସଭାପତି ଦୀପକ କୁମାର ମହନ୍ତ, ମନୋଜ କୁମାର ସାହୁ, ଦୀନବନ୍ଧୁ ସିଂ, କାମଧେନୁ ସେବା ସମିତି ସମ୍ପାଦକ ଟୁନା ମହାରଣା, କୃଷ୍ଣଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା, ଛତ୍ରପୁର ଆଇଆଇସି ସୁରକ୍ଷା ଦାୟିତ୍ୱରେ ଥିଲେ ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ସଚେତନତା

**ବ୍ରହ୍ମପୁର ଅଫିସ୍,୩୦।୪**

ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ରବିବାର ନିଜ କର୍ମଚାରୀ, ବ୍ୟବସାୟ ସହଯୋଗୀ ଓ ରାଜ୍ୟବାସୀଙ୍କୁ ସୁରକ୍ଷା ସଂସ୍କୃତି ସୃଷ୍ଟି ଓ ପ୍ରସାର କରିବା ନିମନ୍ତେ ପଥପ୍ରାନ୍ତ ନାଟକ ଜରିଆରେ ଜନ ସଚେତନତା ସୃଷ୍ଟି କରାଯାଉଛି। ପଶୁ ଶିକାର ପାଇଁ ବେଆଇନ ହୁକ ପକେଇବା, ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ନିକଟରେ ବେଆଇନ ନିର୍ମାଣ ଏବଂ ଘରୋଇ ବିଦ୍ୟୁତ୍ ସୁରକ୍ଷା ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଚଳିତ ବର୍ଷ ପାଇଁ କମ୍ପାନୀ ପକ୍ଷରୁ ୧୩୫ ଅଭିଯାନର ଯୋଜନା ପ୍ରସ୍ତୁତ କରାଯାଇଛି। ବେଆଇନ ବିଜୁଳି ଯୋଗାଣ ନେଇ ପଶୁ ଶିକାର ହେଉଥିବା ସମ୍ବେଦନଶୀଳ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକ ପାଇଁ ଏହି ଅଭିଯାନଗୁଡ଼ିକର ଯୋଜନା ପ୍ରସ୍ତୁତ କରାଯାଇଛି। ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ମଧ୍ୟ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଛି। ଭଞ୍ଜନଗର ସର୍କଲ ଓ ଆସ୍କା ସର୍କଲ ଗୁଡ଼ିକରେ ସଚେତନତା କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ କହିଛନ୍ତି, ଟିପିଏସ୍‌ଓଡିଏଲ୍ ପ୍ରତି କର୍ମଚାରୀ ଓ ବୃହତ୍ତର ଭାବେ ଜନସାଧାରଣଙ୍କ ଜୀବନକୁ ଗୁରୁତ୍ୱ ଦେଉଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପଶୁ ଓ ଜନତାଙ୍କ ମଧ୍ୟରେ ଘଟୁଥିବା ଘଟଣାକୁ ରୋକିବା ଉପରେ ପଥପ୍ରାନ୍ତ ନାଟକରେ ସଚେତନ କରାଯାଉଛି। ପଶୁମାନଙ୍କ ସୁରକ୍ଷାର ସ୍ୱତନ୍ତ୍ର ଯତ୍ନ ନେଇ ଦୁର୍ଘଟଣା ଓ ଆଘାତ ମୁକ୍ତ କରିବା ଆମର ଲକ୍ଷ୍ୟ ରହିଛି। ସୁରକ୍ଷା ଉତ୍କର୍ଷର ଯାତ୍ରାରେ ଆମେ ରହିଛୁ ଏବଂ ଆମ କାର୍ଯ୍ୟକ୍ଷେତ୍ର ଓ ସମାଜରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ବିକାଶ କରିବା ଲାଗି ପ୍ରତିବଦ୍ଧ ରହିଛୁ ବୋଲି ସେ କହିଛନ୍ତି।




ଟିପିଏସ୍‌ଓଡିଏଲ ପକ୍ଷରୁ ସଚେତନତା ।

